

ଯୁଗାବ୍ଦ : ୫୧୨୩ ପଞ୍ଚବିଂଶତିତମ ଗୁଚ୍ଛ - ଷଷ୍ଠ କଳିକା ଫେବୃଆରୀ - ମାର୍ଚ୍ଚ - ୨୦୨୨

## ସମ୍ପାଦକୀୟ......

ଶିକ୍ଷା ବ୍ୟବସ୍ଥାର ମହତ୍ୱପୂର୍ଣ୍ଣ ଅଙ୍ଗ ଶିଶୁ ଶିକ୍ଷା ଅଟେ । ମନୁଷ୍ୟର ସମ୍ପୁର୍ଣ୍ଣ ଜୀବନର କେନ୍ଦବିନ୍ଦୁ ଶିଶୁ ଅବସ୍ଥା ଅଟେ । ଶିଶୁ ଅବସ୍ଥାରେ ଶିକ୍ଷାର ସ୍ୱରୂପ ମୁଖ୍ୟତଃ ସଂସ୍କାର ପ୍ରକିୟା ଅଟେ । ଶିଶୁ ଶିକ୍ଷା ପଦ୍ଧତି ଅନୌପଚ୍ଚରିକ ଅଟେ । ଆନନ୍ଦ, ପ୍ରେମ । ସୌନ୍ଦର୍ଯ୍ୟବୋଧ ଏହାର ଉଦ୍ଦେଶ୍ୟ । କ୍ରିୟାର ମାଧ୍ୟମରେ ଅନୁଭବ କରାଇବା ଏହାର ଆଧାର ଭୂମି ଅଟେ । ଗୀତ କାହାଣୀ, ଖେଳ ମାଟି, ପାଣି, ପବନ, ପଶୁପକ୍ଷୀ ଆଦି ବିଷୟରେ ଜାଣିବା  ଭାଙ୍ଗୀବା, ଯୋଡ଼ିବା, ଚଖିବା, ଶୁଙ୍ଘିବା, ଶୁଣିବା ଓ ଦେଖିବା ଏହାସବୁ ବିକାଶର ଅଭୂତପୂର୍ବ ସାଧନା ହୋଇଥାଏ କିନ୍ତୁ ପାଠ୍ୟପୁସ୍ତକ, ଗୃହକାର୍ଯ୍ୟ, ପରୀକ୍ଷା ଏବଂ ପରୀକ୍ଷାର ଫଳକୁ ବର୍ତ୍ତମାନ ଯୁଗର ମାଣାପିତା ଅଧିକ ଗୁରୁତ୍ୱ ଦେଉଛନ୍ତି । ସେଥି ପାଇଁ ଶିଶୁର ଘରେ ଓ ବିଦ୍ୟାଳୟରେ ହସିବା ଗୀତ ଗାଇବା, ଖେଳିବା କାହାଣୀ ଶୁଣିବା ଆଦି କାମରେ ସେ ନିଷ୍କ୍ରିୟ କଥା ନିସେଜ ଯାଉଛି । ଆମେ ସମସ୍ତେ ଜାଣିବା ଆବଶ୍ୟକ ଯେଶିଶୁ ଶିଷାରେ ସମୟ ବିଷାଦ୍ ଯୋଗ ନ ରହିବା ଦରକାର ତେଣୁ ପ୍ରତ୍ୟେକ ସମୟ ଆନନ୍ଦମୟ ପରିବେଶ ଶିଶୁମାନେ ରହିବା ଉଚିତ । ଶିଶୁମାନଙ୍କ ଉପରେ ଅଧିକ ଭାର ରହ ନଦି ଦେଲେ ସ୍ୱଭାବିକ ଶିଶୁ ଚିଡ଼ିଚିଡ଼ା ହୋଇଥାଏ ଓ ଯାହା ଦ୍ୱାରା ଶିଶୁ ପାଖରେ ମନ୍ଦଅଭ୍ୟାସ ଗୁଡ଼ିକ ଆପେଆପେ ବାହାରକୁ ବାହାରି ଆସେ । ଏଥିରୁ ଅଭିଭାବକ ବନ୍ଧୁ ଭଗିନୀ ନିବୃତ ରହିବା ସହ ଶିଶୁ ଶିକ୍ଷାର ଏକ ପୃଷ୍ଠଭୂମି ପ୍ରସ୍ତୁତ କରିବା ପାଇଁ ବଦ୍ଧପରିକର ହେବା ଆବଶ୍ୟକ । ଶିଶୁ ଶିକ୍ଷାକୁ ଭଲଭାବରେ ବୁଝି ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଶିଶୁର ସମଗ୍ର ବିକାଶ ନିମନ୍ତେ ପୂର୍ଣ୍ଣ ସହଯୋଗ କରିବା ପାଇଁ ଉକ୍ତ ପତ୍ରିକା ମାଧ୍ୟମରେ ଅନେକ ବାର୍ତ୍ତା ପ୍ରଦାନ ପୂର୍ବକ ମୋର ଲେଖାକୁ ଏଠାରେ ବିକାଶ କଲେ ସମାପ୍ତ କରୁଛି ।

## ଶୈଶବ ଓ ଶିକ୍ଷା

ଈଶ୍ୱରଚନ୍ଦ୍ର ନାୟକ

ଶୈଶବ, ମାନବ ଜୀବନର ଏକ ଅମୂଲ୍ୟ ଅବସ୍ଥା । ଦୁର୍ଲ୍ଲଭଜନ୍ମ ସତ୍ତ୍ୱେ ଭବିଷ୍ୟତ ଜୀବସଂଗ୍ରାମର ଦୟନୀୟତା ସମ୍ବନ୍ଧରେ ଶିଶୁ ଥାଏ ଅଜ୍ଞ । ନିଜ ଜୀବନର ସ୍ଥିତି, ସ୍ଥାୟୀତ୍ୱ ଓ ଉତ୍କର୍ଷ ପାଇଁ ଚିନ୍ତାଠାରୁ ସେ ଥାଏ ଅନେକ ଦୂରରେ । ଛନ୍ଦ କପଟ ଓ ବିକାର ଶୂନ୍ୟ ହୃଦୟଟେ ଧରି ସେ ଥାଏ ଚଳଚଞ୍ଚଳ । ସ୍ନେହ ବିତରୁଥିବା ସଜୀବ ମାନଙ୍କୁ ସେ କେତିକି ଭଲ ପାଏ ସୁନ୍ଦର ଓ ଆକର୍ଷଣୀୟ ନିର୍ଜୀବ ବସ୍ତୁମାନଙ୍କୁ ସେ ସେତିକି ଆଦର କରେ । ପ୍ରଜାପତିଟିଏ ଭଳି ଘର ଅଗଣାରେ ଘୁରିବୁଲିବାରେ ତା'ର ଘୋର ଆନନ୍ଦ । ମା'ର କୋଳରେ ଅବା ପଣତକାନୀ ତଳେ ନିଜକୁ ସବୁଠାରୁ ସୁରକ୍ଷିତ ମଣୁଥିବା ସ୍ଥଳେ ବାପା, ଜେଜେବାପା ଜେଜେମା'ଙ୍କର କାନ୍ଧ ଅବା କାଖ ତା'ପାଇଁ ସ୍ୱର୍ଗର ସୁଖ । ଜେଜେବାପା ଜେଜେମା'ଙ୍କ ସହିତ ଗେଲେଇ ଲଟେଇ ହେବାକୁ ସେ ଭାରି ଭଲପାଏ । ସହଜାତ ପ୍ରବୃତ୍ତି ଖେଳିବାଟା ତା'ର ପାଖ ଛାଡ଼େନି । କଣ୍ଢେଇମାନଙ୍କ ସହିତ ତା'ର ଅନ୍ତରଙ୍ଗ ଆଳାପ ଅବା ବାଲିଘର ଖେଳ ତାକୁ ନେଇଯାଏ ଏକ ସୁନ୍ଦର କାଳ୍ପନିକ ପରୀ ଦୁନିଆକୁ । ଖେଳୁ ଖେଳୁ ସାଙ୍ଗସାଥୀର ଆସରରେ ସେ ନିଜକୁ ହଜେଇ ଦିଏ । ଏପରି ଏକ ମୁକ୍ତ, ଚିନ୍ତା ରହିତ ଓ ବିଷାଦହୀନ ଜୀବନରେ ଶିଶୁ ଅନୌପଚାରିକ ଭାବେ ଅନେକ କଥା ଶିଖିତ ଚାଲିଥାଏ ମାତ୍ର ବାଲୁତପଣିଆର ସେ ଅମୂଲ୍ୟ ଅବଧିର ସମାପ୍ତି ନହେଉଣୁ

ଆମେ ତାକୁ ଔପଚାରିକ ଓ ଆନୁଷ୍ଠାନିକ ଶିକ୍ଷାର କାଠଗଡ଼ା ଭିତରକୁ ଟାଣି ନେଇଥାଏଁ ଯେଉଁଠି ତା'ର ଶୈଶବ ହୁଏ କାରାରୁଦ୍ଧ ।

ଏମିତିତ ଦେଖିବାକୁ ଗଲେ ମା' ଜରାୟୁରେ ସ୍ଥିତ ଅବସ୍ଥାନରୁ ହିଁ ଶିଶୁର ଶିକ୍ଷା ଆରମ୍ଭ ହୋଇଥାଏ । କିନ୍ତୁ ସାମାଜିକ ବିଧି ବ୍ୟବସ୍ଥାରେ ଶିଶୁର ଜନ୍ମ ପରେହିଁ ଆମେ ତା'ର ଶିକ୍ଷା କଥା ଚିନ୍ତା କରିଥାଉ । ଶୈଶବାବସ୍ଥାର ଆନୁଷ୍ଠାନିକ ଶିକ୍ଷା ଶିଶୁ ପାଇଁ ଏକ ଅମନଯୋଗୀ ଓ ନିରାନନ୍ଦର ପ୍ରକ୍ରିୟା । ଶୈଶକ ପରିବେଶ ଯେତେ ସୁନ୍ଦର ଓ ଆକର୍ଷଣୀୟ ହେଉନା କାହିଁକି ଗୋଟିଏ ନିର୍ଦ୍ଦିଷ୍ଟ ବହିରେ ଲେଖାଥିବା ଅକ୍ଷର, ଶବ୍ଦ ଓ ଚିତ୍ରକୁ ଦେଖିବା ଓ ପଢିବା ସମୟେ ସମୟେ ତା'ମନର ସେଗୁଡ଼ିକ ପ୍ରତି ବିତସ୍ପୃହା ସୃଷ୍ଟି କରେ । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସମୟରେ ଶିକ୍ଷକ ଭୂମିକାରେ ଅଧିଷ୍ଠିତ ବ୍ୟକ୍ତିଙ୍କର ଆବେଗିକ ଆଚରଣ ଶିଶୁର ଆଗ୍ରହଶୂନ୍ୟ ମନରେ ପୁନଶ୍ଚ ଉତ୍ସାହ ଭରି ଦେବାରେ ସକ୍ଷମ ହୋଇଥାଏ ।

ଆନୁଷ୍ଠାନିକ ଶିକ୍ଷା ମଧରେ ସେ ଅଙ୍ଗନୱାଡ଼ିର ଶିକ୍ଷା ହେଉ ଲୋୟର କିଣ୍ଡର ଗାର୍ଟେନର ଶିକ୍ଷା ହେଉ ସେ ସମସ୍ତ ଶୈକ୍ଷିକ ପରିବେଶ ତା' ପାଇଁ ହୁଏ ଏକ ନୂତନ ଦୁନିଆ । ସେ ଦୁନିଆରେ ତା'ପାଇଁ ସେ ପରିବେଶ, ଶ୍ରେଣୀ କୋଠରୀ, ଶିକ୍ଷକ ଆଦି ସବୁକିଛି ନୂଆ ତତ୍ ସହିତ ଅନେକ ନୀତିନିୟମ ମଧ୍ୟ ନୂଆ । ଏପରି ଏକ ନୂତନ ପରିବେଶରେ ଗୋଟିଏ କୋମଳ ହୃଦୟଧାରୀ ସେ ଶୈଶବ ନିଜକୁ ଆଦୌ ସହଜ ମାଣିପାରେ ନାହିଁ । ଏକ ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟାଳୟକୁ ଆସିବା, ଶ୍ରେଣୀରେ ଧୀରସ୍ଥିର ଭାବରେ ପ୍ରାର୍ଥନାକରିବା, ଏକ ନିର୍ଦ୍ଦିଷ୍ଟ କୋଠରୀ ଭିତରେ ପୁଣି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ସ୍ଥିରୀକୃତ ସମୟ ନିର୍ଘଣ୍ଟ ପର୍ଯ୍ୟନ୍ତ ଚୁପଚାପ ବସି ରହିବା ତା ପାଇଁ ହୁଏ କାଠିକର ପାଠ । ଶିଶୁଟି ନିଜକୁ ଏଭଳି ଅସହଜ ମଣୁଥିବା ସମୟରେ ଶିକ୍ଷକଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକ ଅବା ଶିକ୍ଷୟିତ୍ରୀଙ୍କ ଆବେଗିକ ଆଚରଣ ଏଭଳି ପରିସ୍ଥିତିରୁ ଶିଶୁକୁ କାଢିଆଣିବାକୁ ସକ୍ଷମ ହୋଇଥାଏ । ସ୍ନେହ, ଶ୍ରଦ୍ଧା ଓ ଆଦରରେ ଯଦି ଶିଶୁର ହୃଦୟ କିଣିବାରେ ଶିକ୍ଷକ ସକ୍ଷମ ହୋଇଗଲେ ତେବେ ସବୁକିଛି ସଫଳ । ଶିଶୁଟି ଶିକ୍ଷକଙ୍କ ପ୍ରତି ଆକର୍ଷିତ ହୋଇଚାଲେ । ତାଙ୍କୁ ଅତି ନିଜର ମଣିବସେ । ସମୟକ୍ରମେ ନିଜର ଅଳି ଅର୍ଦ୍ଦଳୀ ମଧ୍ୟ ଶିକ୍ଷକଙ୍କ ପାଖରେ କରିଦିଏ । ଶିକ୍ଷକଙ୍କୁ ନିଜର ସମସ୍ତ ସୁବିଧା କଥା କହିବାକୁ ସଙ୍କୋଚ କରେ ନାହିଁ । ଭୟଯୁକ୍ତ ମନ ତା'ର କ୍ରମଶ ଭୟମୁକ୍ତ ହୋଇ ଉଠେ । ସେ ଶ୍ରେଣୀ ପିଲାମାନଙ୍କ ସହିତ ଶିକ୍ଷକଙ୍କୁ ବି ନିଜର ସାଙ୍ଗ ବୋଲି ଧରିନିଏ । ସେତେବେଳେ ଆଉ ଶିକ୍ଷକଙ୍କୁ ଚୁପ୍ ଚାପ୍ ବସିକରି ଶୁଣିବା, ଶିକ୍ଷକ ଦେଇଥିବା କାମକୁ କରିବା ଓ ବହିରେ ଥିବା ସେ ନିର୍ଜୀବ ଅକ୍ଷର, ଶବ୍ଦ ଓ ଛବି ମାନଙ୍କୁ ଦେଖି କିଛି ଶିଖିବା ତା'ପାଇଁ ବିରକ୍ତିକର ରହେନାହିଁ । ଶ୍ରେଣୀ କକ୍ଷରେ ଯଦି ଶିକ୍ଷକ ପ୍ରତ୍ୟେକ ଶିକ୍ଷଣ କାର୍ଯ୍ୟକୁ ଏକ ଖେଳର ରୂପ ଦେଇ ପାରିଲେ ତେବେ ଶିଶୁ ପାଇଁ ସେ ଶିକ୍ଷା ଏକ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମର ରୂପ ନିଏ । ଏଭଳି ଶ୍ରେଣୀ ପରିଚାଳନା କ୍ଷେତ୍ରରେ ଶିକ୍ଷକଙ୍କର

ଆବେଗିକ ଆଚରଣର ଆବଶ୍ୟକତା ବହୁବିଧ ଅନୁଭୂତ ହୁଏ । ଗଳ୍ପଟିଏ ପଢଉଥିବା ସମୟରେ ହାତୀ ଚରିତ୍ରଟିଏ ଅଛିମାନେ ଶିକ୍ଷକ ପିଲାମାନଙ୍କ ସହିତ ନିଜେ ଯଦି ହାତୀଟିଏର ଅଭିନୟ କରନ୍ତି ତେବେ ପିଲାମାନଙ୍କୁ ତାହା ବହୁ ଆନନ୍ଦ ଦିଏ ଓ ତାହା ହୁଏ ଆନନ୍ଦଦାୟୀ ଶିକ୍ଷା । ସେ ସମୟରେ ଶିଶୁଟି ସେହି ହସଖେଳ ମାଧ୍ୟମରେ ଅନେକ କଥା ଶିଖିଥାଏ । ସାଧାରଣ ଧାରଣାରେ କ୍ଲିଷ୍ଟ ପୂର୍ଣ୍ଣ ବିଷୟ ଭାବେ ବିଦିତ ଅଙ୍କକୁ ମଧ୍ୟ ସହଜ ଓ କୌତୁକଦାୟୀ ପାଠରେ ପରିବର୍ତ୍ତନ କରିହେବ ଯଦି ପ୍ରତ୍ୟେକ ଶିକ୍ଷଣ କାର୍ଯ୍ୟକୁ କ୍ରୀଡ଼ାଭିତ୍ତିକ ଓ ଶିକ୍ଷକ ଶିକ୍ଷାର୍ଥୀଙ୍କର ଆବେଗିକ ଆଚରଣର ସମନ୍ୱୟରେ ଶ୍ରେଣୀ ଗୃହରେ ପରିବେଷିତ ହୁଏ ।

ପରିଶେଷରେ ଏତିକି କୁହାଯାଇ ପାରେ ଶୈଶବାବସ୍ଥାରେ ଶିକ୍ଷାରେ ପ୍ରତିଟି ବିଷୟ କ୍ରୀଡ଼ାଭିତ୍ତିକ, ଆନନ୍ଦଦାୟୀ ଓ ଆବେଗ ଯୁକ୍ତ ହେବା ଆବଶ୍ୟକ । ଶିକ୍ଷା ପାଇଁ ଶିଶୁର ମନକୁ ପଣିତ ପଢ଼ାବହି ଭିତରେ ବାନ୍ଧି ନରଖି ଭାବଗତ ଆଚରଣରେ ତା'ର ବୌଦ୍ଧିକ ଦକ୍ଷତାକୁ ବାସ୍ତବ ଜୀବନ ସହିତ ସମ୍ପର୍କିତ କରାଯାଇ ପାରିଲେ ଶୈଶବାବସ୍ଥାରେ ଶିକ୍ଷା ନିଶ୍ଚିତ ରୂପେ
ଅଧିକ ଫଳପ୍ରଦ ହେବ ।

.....o....

ବାଙ୍ଗୁରଷ ପାଟଣା
ନିମାପଡ଼ା, ପୁରୀ

## ଓମିକ୍ରନ ଯିବ ଦୂରେ

ଏକ ଏକ ଦୁଇ ଓମିକ୍ରନକୁ ଡରନା କେହି
ଦୁଇ ଦୁଇ ଚାରି ଆସେ ଓମିକ୍ରନ ମହାମାରୀ
ତିନି ତିନି ଛଅ ମୁଖେ ମାସ୍କ ପିନ୍ଧଥାଅ
ଚାରି ଚାରି ଆଠ ସାବୁନ୍ ରେ ଧୁଅ ହାତ
ପାଞ୍ଚ ପାଞ୍ଚ ଦଶ ଦୁରାଇ ରଖ ଥଣ୍ଡା କାଶ
ଛଅ ଛଅ ବାର ଦେଖାଉଥା ଡାକତର
ସାତ ସାତ ଚଉଦ ରହିଥାଅ ସତର୍କ
ଆଠ ଆଠ ଷୋହଳ ସ୍ୱଚ୍ଛତା ନିୟମ ପାଳ
ନ'ନଅ ଅଠର "ସଚେତନ ତାହିଁ ସୁସ୍ଥତା ମନ୍ତର"
ଦଶ ଦଶ କୋଡିଏ ଆମେ ରହିବା ଘରେ.......
ଓମିକ୍ରନ ଯିବ ଦୂରେ

ଶ୍ରୀମତୀ ସଙ୍ଗୀତା ମିଶ୍ର ଶତପଥୀ
ପୂର୍ବ ସମ୍ଭାଗ ପ୍ରତିନିଧି
ଦୂରଭାଷା ନଂ ୯୪୩୮୩୬୬୪୧୧

## -: ଶିଶୁ ବାଟିକା :-

ସୁବାସିନୀ ପଧାନ(ଆଚାର୍ଯ୍ୟା)

ମା' ପଣତକୁ ଛାଡ଼ି ଦେଇ ଶିଶୁ
ଶିଶୁ ବାଟିକାକୁ ଆସୁଛି,
ନାଚି ନାଚି ଗାଇ ହସି ହସି ଖେଳି
କେତେ ଗୀତଗପ ଶୁଣୁଛି,
ଫୁଲର ମେଳରେ ଫୁଲ ବଗିଚଟି
ଖିଲି ଖିଲି ହସୁଥାଏ,
ଶିଶୁଙ୍କ ମେଳରେ ଶିଶୁବାଟିକାଟି
ଝିଲିମିଲି ଦିଶୁଥାଏ ।
କଣ୍ଢେଇର ଖେଳ ବାଲିର ତ ଘର
ଆହାକି ସୁନ୍ଦର ଲାଗୁଛି,
ଶିଶୁବାଟିକାର ଶୋଭା ସୁବାସରେ
ଶିଶୁଙ୍କୁ ତ ଟାଣି ଆଣୁଛି ।
ଗୁରୁଜୀ ଗୁରୁମାଙ୍କ ସେନେହ ଶରଧା
ନିଜ ଘର ପରି ଲାଗୁଛି,
ହସ୍ତକର୍ମ କ୍ରିୟାକଳାପରେ ଶିକ୍ଷା
ସମୟଟା ବିତି ଯାଉଛି ।
ଆଧାତ୍ମିକ ଆଉ ନୈତିକ ଶିକ୍ଷା
ପ୍ରତିଦିନ ସେ ଯେ ଚାଲିଛି,
ସଂସ୍କାରକ୍ଷମ ବାତାବରଣଟି
ସବୁଠି ଯେ ଭରି ରହିଛି ।
ଶିଶୁବାଟିକାର ମୂଳ ଲକ୍ଷ୍ୟ ନେଇ
ପ୍ରୟାସଟି ଜାରି ରହିଛି,
ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଟି,
ନୂତନ ପ୍ରୟୋଗ ଚାଲିଛି ।

ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର,
କଲେଜ ଛକ, ବଲାଙ୍ଗିର

# ଗୋଲୁ

ସସ୍ମିତା ସାହୁ

ଶ୍ରେଣୀ କୁ ଗୁରୁମା ଆସିବା ପରେ ସବୁପିଲା ନିଜ ନିଜ ସ୍ଥାନରେ ବସିପଡ଼ିଲେ । ଗୁରୁମା ଉପସ୍ଥାପନ ପକେଇବା ପରେ କ୍ଲାସ ର ମନିଟର ଚୁନିକୁ ଘରକାମ ଖାତା ଆଦାୟ କରିବା ପାଇଁ କହିଲେ ଚୁନି ଖାତା ସଂଗ୍ରହ କରି ଗୋଲୁ ପାଖରେ ପହଞ୍ଚିଲା ବେଳୁକୁ ଗୋଲୁ ଗୋଟାଏ ଗେଣ୍ଡୁଫୁଲର ପାଖୁଡ଼ା ଛିଣ୍ଡେଇ ତଳେ ପକାଉଥାଏ । ଚୁନି ଖାତା ମାଗିବାରୁ ହଡ଼ବଡେଇ ଯାଇ ବ୍ୟାଗରୁ ଖାତାଟେ କାଢ଼ି ଚୁନିକୁ ଦେଇ ଦେଲା । ଖାତା ଦୁଇ କୋଣ ମୋଡି ହେଇ ଯାଇଥାଏ । ଚୁନି ଖାତା କୁ ସିଧା କରି, ଅନ୍ୟ ମାନଙ୍କର ଖାତା ନେବାକୁ ଚାଲିଗଲା । ସବୁତକ ଖାତା ଆସିବା ପରେ ଗୁରୁମା ଜଣଜଣ ଙ୍କୁ ଠିଆ କରି ଗତକାଲି ଘୋଷା ଦେଇଥିବା କବିତା ପଚାରିଲେ । ଗୋଲୁ ର ପାଳି ଆସିବାରୁ ସେ ବହୁତ କଷ୍ଟରେ ଠିଆ ହେଲା । ଗୁରୁମା କବିତା ପାଇଁ । ଗୋଲୁ ମୁହଁ ପୋତି ଠିଆହେଲା । ଗୁରୁମା, ଦୁଇ ଚାରିଥର ଭଲରେ କହି ଶେଷରେ ରାଗିଯାଇ ବେତ ଉଠାଇବାରୁ, ଗୋଲୁ କହିଲା ।

ଏକେ ଗଲା ଶିକାର କରି<br>
ଦୁଇ ଥିଲା ତା ପଛେ<br>
ତିନି....... ତିନି........<br>
ତିନି ଗଲା..............

ଏତିକି କହି ଚୁପ ହେଇଗଲା କହିଲେ "ଆରେ ଗୋଲୁ କହୁନୁ ତିନି କୁଆଡ଼େ ଗଲା ?" ସବୁ ପିଲା ହିଁ ହିଁ ହେଇ ହସିଲେ କିନ୍ତୁ ଗୋଲୁ ତଳକୁ ମୁହଁ ପୋତି ସକେଇ କାନ୍ଦୁଥିଲା । ଗୁରୁମା କହିଲେ ଆଜି ବି ସେଇ ତିନି ରେ ଅଟକି ଗଲୁ ? ତୋ ସାଙ୍ଗମାନେ ଏଇ କବିତା କେବେ ଠାରୁ ମୁଖସ୍ଥ କରିସାରିଲେଣି । ଗଧ କାନ ଧରି ଠିଆ ହେଇଥା ।"

ବେଲ ବାଜିବାରୁ ଗୁରୁମା ଶ୍ରେଣୀରୁ ଚାଲିଗଲେ । ଖାଇବା ଛୁଟି ହୋଇଥିବାରୁ ସମସ୍ତେ ଟିଫିନ ଧରି ଶ୍ରେଣୀ ବାହାରକୁ ଚାଲିଗଲେ । ଗୋଲୁ ନିଜର ଟିଫିନ ଧରି ଗୁମସୁମ ହୋଇ ବସିଥାଏ । ଚୁନି ତା' ପାଖକୁ ଯାଇ କହିଲା ଗୋଲୁ ତୋ ଟିଫିନ ରେ ଆଜି କ'ଣ ଅଛି ?" ଗୋଲୁ କିଛି ନକହି ଟିଫିନକୁ ଚୁନି ଆଡ଼କୁ ଘୁଞ୍ଚେଇ ଦେଲା । ଚୁନି ଟିଫିନ ଖୋଲି ଦେଖିଲା "ଆରେ ବାଃ ଆଳୁପରଟାକୁ ପୋଦିନା ଚଟଣୀ ! ମୋ ମା' ମତେ ସିମେଇ ଉପମା ଦେଇଛନ୍ତି । ତୋର ପସନ୍ଦ ନା ? ଜଲ ବାହାରେ ବସି ଖାଇବା ।

ଚୁନି ଦୁଇଟା ଯାକ ଟିଫିନ ନେଇ ବାହାରକୁ ଯିବାରୁ ଗୋଲୁ ମଧ ତା' ପଛେ ବାରଣ୍ଡାକୁ । ଦୁହେଁ ଏକାଠି ବସି ଟିଫିନ ଖାଇଲେ । ଚୁନି ର ମା' ସତରେ ବଢ଼ିଆ ସିମେଇ ଉପମା ତିଆରି କରନ୍ତି ପୁରା ଚାଓମିନ ପରି ଲାଗେ । ନିଜ ପସନ୍ଦର ଖାଇବା ଖାଇ ଗୋଲୁର ମନ ଠିକ୍ ହୋଇଗଲା । ଗୋଲୁ ଖୁସିଥିବା ଦେଖି ଚୁନି କହିଲା" ଗୋଲୁ ତୁ କାହିଁକି କବିତା ମନେ ରଖି ନଥିଲୁ ଯେ । ଗୁରୁମା ତତେ ରାଗିଲେ ଆଉ ତୁ ଏମିତି କୁନି ପିଲା ପରି କାନ୍ଦିଲୁ ମତେ ଭଲ ଲାଗିଲାନି । ଭାବିଥିଲି ତୋ ସହ କଟି କରିଦେବି । ତୁ କ'ଣ ଘରେ କିଛି ପଢୁନୁ ?" ଗୋଲୁ କହିଲା କାଲି ଥାରେ ପଢ଼ିଥିଲି ମତେ ଲାଗିଲା ମୋର ମନେ ରହିଗଲା, କିନ୍ତୁ ଆଜି ଭୁଲିଗଲି ।"

ପୁଣି ଘଣ୍ଟି ବାଜିବାରୁ ସମସ୍ତେ ଶ୍ରେଣୀ ଗୃହକୁ ଚାଲିଗଲେ । ଚିତ୍ରାଙ୍କନ ପିରିଅଡ଼ ଥିବାରୁ ଗୋଟାଏ ପକ୍ଷୀର ଚିତ୍ର ଆଙ୍କିବା ପାଇଁ ଗୁରୁମା କହିଲେ । କିଛି ସମୟ ଯିବା ପରେ ଗୋଲୁ ନିଜର ଖାତା ଧରି ଗୁରୁମା'ଙ୍କ ପାଖକୁ ଗଲା । ସେ ଗୋଟେ ସୁନ୍ଦର ଶୁଆର ଚିତ୍ର କରିଥିଲା କିନ୍ତୁ ସେଥିରେ ହଳଦିଆ ରଙ୍ଗ ଦେଇଥିଲା । ଗୁରୁମା କହିଲେ "ଆରେ ଗୋଲୁ ବଢ଼ିଆ ଶୁଆଟେତ ଆଙ୍କିଛୁ କିନ୍ତୁ ହଳଦିଆ ରଙ୍ଗ କାହିଁକି ଦେଲୁ ? ଶୁଆର ରଙ୍ଗ ତ ସବୁଜ ।" ଗୋଲୁ କହିଲା ହିଁ ଗୁରୁମା, ଆମ ଘରେ ଯେଉଁ ମିଟୁ ଅଛି ସେଇ ମିଟୁକୁ ବନେଇଛି ଯେ କିନ୍ତୁ ମୁଁ ସବୁବେଳେ ଭାବେ ମିଟୁ ଯଦି ହଳଦିଆ ହେଇଥାନ୍ତା ତେବେ ତାର ଲାଲ ଥଣ୍ଟ ଆହୁରି ସୁନ୍ଦର ଲାଗନ୍ତା । ସେଇଥି ପାଇଁ ହଳଦିଆ ରଙ୍ଗ ଦେଇଛି ।"

ଗୁରୁମା ଦୁଇଟା ଠିକ ଚିହ୍ନ ମାରି ଦସ୍ତଖତ କରିଦେଲେ ଶେଷ ଦୁଇ ପିରିଅଡ୍ ଖେଳ ଥିଲା । ପିଲାମାନେ ଧାଡ଼ି ବାନ୍ଧି ଖେଳ ପଡ଼ିଆକୁ ଗଲେ । ଖେଳ ଗୁରୁଜୀ ପିଲାମାନଙ୍କ ନୂଆ ଖେଳ ଖେଳେଇଲେ । କାନ୍ଥରେ ଲଗାଯାଇଥିବା ଗୋଟିଏ ବାସ୍କେଟ ଭିତରକୁ ଫୁଟବଲ କୁ ଫିଙ୍ଗିବାର ଥାଏ । ଜଣେ ଜଣେ ଯାଇ ବଲକୁ ପକେଇବାକୁ ଚେଷ୍ଟା କରୁଥାନ୍ତି । କାହାର ପାଞ୍ଚଥର ଚେଷ୍ଟାରେ ପଡୁଥାଏ । କାହାର ବିଲକୁଲ ପଡୁ ନଥାଏ । ଗୋଲୁ ପ୍ରଥମେ ବଲକୁ ହାତରେ ଧରି ବାସ୍କେଟ କୁ ଦେଖିଲା । ତା ପରେ ଗୋଟେ ଡ଼ିଆଁ ମାରି ବଲକୁ ଫିଙ୍ଗି ଦେଲା । ଓଃ ଇଏ କଣ ବଲ ସିଧା ବାସ୍କେଟ ଭିତରେ ଗଳି ତଳେ ପଡ଼ିଲା । ସମସ୍ତେ ପୁରା ଚୁପ । ଗୁରୁଜୀ କହିଲେ "ବାଃ ଗୋଲୁ, ଅଉ ଥରେ ବଲ ପକେଇଲୁ" ଗୋଲୁ ଏମିତି ଆହୁରି ଦୁଇଥର ପକେଇଲା । ଦୁଇଥର ଯାକ ବଲ ଯାଇ ବାସ୍କେଟ ଭିତରେ ପଡ଼ିଲା । ଗୁରୁଜୀ ଗୋଲୁକୁ ପାଖକୁ ଡାକି ସାବାସି ଦେଲେ ଏବଂ ତାଙ୍କ ପାଖରେ ବସି ବାକୁ କହିଲେ । ସେଇ ପାଖରେ ଚୁନି ମଧ୍ୟ ବସିଥାଏ । ଚୁନି ଧିର ଗଳା ରେ ପଚାରିଲା, "ଗୋଲୁ କେମିତି ଗୋଟେ ଥରକରେ ପକେଇଦେଲୁ ? ମୁଁ ପାଞ୍ଚଥର ଚେଷ୍ଟା କରି ବି ପକେଇ ପାରିଲିନି ।" ଏମାନଙ୍କର ଫୁସୁର ଫୁସୁର ଗୁରୁଜୀଙ୍କ କାନରେ ପଡିବାରୁ, ଗୁରୁଜୀ ପାଟି କରି କ'ଣ କଥା ହଉଚ ବୋଲି ପଚରିଲେ ଚୁନି ସଙ୍ଗେ କହିଲା "ଗୁରୁଜୀ ଆଜି ଗୋଲୁ କବିତା କହିପାରିଲା ନାହିଁ ବୋଲି ବଡ଼ ଗୁରୁମା'ଙ୍କ କ୍ଲାସରେ କାନ ଧରି ଠିଆ ହେଇଥିଲା । କିନ୍ତୁ ଚିତ୍ରାଙ୍କନ ଓ ଖେଳରେ ଏତେ ବଢିଆ କରୁଛି । ଗୋଲୁ ଘରେ କେବଳ ଖେଳୁଛି । ବିଲକୁଲ ପଢୁନି । ପରୀକ୍ଷାରେ ସବୁଠାରୁ କମ ନମ୍ବର ଆଣୁଛି ।" ଗୁରୁଜୀ କହିଲେ "ତୁ କାହିଁକି ଏତେ ରାଗୁଛୁ ? ଚୁପଚାପ ହେଇ ବସ । ମୁଁ ଗୋଲୁ କଥା ବୁଝିବି ।"

ସେଦିନ ଖେଳ ସାରିବା ପରେ ଗୁରୁଜୀ ଗୋଲୁ ଆଉ ଚୁନି ସହ କଥା ହେଲେ । ଗୁରୁଜୀ ଗୋଲୁ କୁ ପଚାରିଲେ କ'ଣ ଗୋଲୁ । ଚୁନି ଯାହା କହୁଛି ସତ ? ତୁ ପାଠ ପଢୁନୁ ଖାଲି ଖେଳୁଛୁ ।"

ଗୋଲୁ- "ନାଇଁ ସାର, ମୁଁ ପଢୁଛି ।"

ଗୁରୁଜୀ-"ତାହେଲେ ଆଜି କବିତା କାହିଁକି ମନେରଖ ନଥିଲୁ ? ପରୀକ୍ଷାରେ ସବୁଠାରୁ କମମାର୍କ କାଇଁ ରଖୁଛୁ ?"

ଗୋଲୁ- "ସାର ମୁଁ ପଢୁଛି ।"

ଗୁରୁଜୀ- "କେତେ ସମୟ ପଢୁଛି ।"

ଗୋଲୁ- "ଗୁରୁଜୀ ମୁଁ ସବୁଦିନ ସନ୍ଧ୍ୟା ରେ ପାଠ ପଢୁଛି । ଥରେ ପଢିଲା ପରେ ମୋର ସବୁ ମନେ ରହି ଯାଉଛି ।"

ଗୁରୁଜୀ- ତାହେଲେ ପଚାରିଲେ କାହିଁକି ଆସୁନି ?

ଗୋଲୁ ନୀରବ ରହିବାରୁ ଗୁରୁଜୀ କହିଲେ- "ଆଚ୍ଛା କହିଲୁ ତୁ ଗୋଟେ ଥରକରେ କେମିତି ବଲ ପକେଇଦେଲୁ ?"

ଗୋଲୁ- "ଆମ ଘରେ ମୁଁ ଆଉ ଭାଇ ଏଇ ଖେଳ ଖେଳୁ ସେଥିପାଇଁ ।"

ଗୁରୁଜୀ- ଆଉ ଚୁନି କହୁଛି ତୁ ଭଲ ଚିତ୍ର ବି କରୁଛୁ ।

ଗୋଲୁ- "ହଁ ଗୁରୁଜୀ, ଚିତ୍ର କରିବାକୁ ତ ମତେ ବଢିଆ ଲାଗେ"

ଗୁରୁଜୀ- "ମନେ ପକେଇ କହିଲୁ ତୁ କ'ଣ ପ୍ରଥମ ଥରରୁ ଏମିତି ଲକ୍ଷ୍ୟ କରି ବଲ ପକେଇ ପାରିଥିଲୁ ।

ଗୋଲୁ ମୁଣ୍ଡ ହଲେଇ ନାଇଁ ସାର ଆଗରୁ ତ ଜମା ପକେଇ ପାରୁ ନଥିଲି । ଚେଷ୍ଟା କରି କରି ଏବେ ଯାଇ ପଡୁଛି ।

ଗୁରୁଜୀ କହିଲେ "ହଁ ଯେମିତି ଚେଷ୍ଟା କରି ବଲ ପକେଇପାରିଲୁ ଏବଂ ସୁନ୍ଦର ଚିତ୍ର କରିପାରିଲୁ, ସେମିତି ଚେଷ୍ଟା ଏବଂ ଅଭ୍ୟାସ ଦ୍ୱାରା ଭଲ ପାଠ ମଧ୍ୟ ପଢିପାରିବୁ । ପାଠ ମଧ୍ୟ ଗୋଟିଏ ଖେଳ ପରି । ବହିରେ କେତେ ନୂଆ ନୂଆ କଥା ଏବଂ ଚିତ୍ର ଅଛି । ଯେମିତି ଖେଳକୁ ଅଭ୍ୟାସ କରି ଭଲ ଖେଳୁଛୁ, ସେମିତି ପାଠକୁ ଅଭ୍ୟାସ ନୂଆକଥା ଜାଣିବୁ । ଭାବିଲୁ ଭଲନମ୍ବର ରଖିଲେ ବାପା ମାଆ କେତେ ଖୁସି ହେବେ । କ୍ଲାସ ରେ ଠିଆ ହେବାକୁ ପଡିବନି କି ମାଡ ମଧ୍ୟ ଖାଇବାକୁ ପଡିବନି ।"

ସେଇ ଦିନଠାରୁ ଗୋଲୁ ଗୁରୁଜୀଙ୍କ କଥାକୁ ମନରେ ରଖି କାମ କରୁଛି । ଏବେ ସେ ଶ୍ରେଣୀରେ ଦଣ୍ଡ ପାଉନି । ପାଠପଢା ଓ ଖେଳକୁଦ ସବୁଥିରେ କରୁଛି ।

ପିଲାମାନେ ଏଥିରୁ ଆମେ ଶିଖିଲେ ଯେ "ଅଭ୍ୟାସ କରିବା ଦ୍ୱାରା କଷ୍ଟକର କାମ ସହଜ ହୋଇଯାଏ ।" ଇଂରାଜୀ ରେ କୁହାଯାଏ "Practice makes a man perfect"

ଥେଣ୍ଟ ପୁର, ପୁରୀ


# ଛବି ତୁମ ତୂଳୀରୁ .....



**ଶ୍ରୀ ନୟନ କୁମାର ମହାନ୍ତ**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲ


ଶ୍ରେଣୀ - ଶିଶୁ ବୋଧ



**ୟଶରାଜ**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଘଷିପୁରା

ଶ୍ରେଣୀ - ଶିଶୁ ବୋଧ




**ସଭାବନା ସାହୁ**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲ

ଶ୍ରେଣୀ - ଶିଶୁ ପ୍ରାରମ୍ଭ

# ରଙ୍ଗ ଦିଅ ମଜା ନିଅ





Vol. 22 No. 6 February - March - 2022 R.N.I. Regd. No.ORIORI/2001/5948

# ସମ୍ବାଦ ଚିତ୍ରରେ ଚିତ୍ରରେ ....



ଶିଶୁ ବାଟିକା ଭବନର ଉଦ୍‌ଘାଟନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆବଜାର, ଭଦ୍ରକ



ଗ୍ରାମୀଣ ଶିକ୍ଷାରେ ଆମ ଶିଶୁ ବାଟିକା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆବଜାର, ଭଦ୍ରକ

*Printed and Published by : Secretary on behalf of Shiksha Vikash Samiti, Odisha & printed at Sarswati DTP Centre, E-59, Zone-A, Mancheswar Industrial Estate, BBSR-10 Editor - Pradeep Kumar Mallick*